OFFICE OF THE COLLECTOR & DISTRICT MAGISTRATE : BARGARH

No. VII-37/2022 12599 / LA. Dt. 14/10/2022

To

The Sub-Collector, Padampur
The Tahasildar, Sohela / Padampur / Paikmal
The Sub-Registrar, Sohela / Padampur / Paikmal
The Chairman, NAC, Padampur

Sub: - Draft Notification U/s.11(1) of RFCTLAR&R Act,2013 for acquirement of private lands for construction of Biju Express Way (Sohela – Nuapada Road).

Sir,

The draft publication U/s.11(1) of RFCTLAR&R Act,2013 vide Notification No.12593 / Dt.13.10.2022 in connection with acquirement of private lands at 58 mouzas under the jurisdiction of 3 tahasils namely Sohela, Padampur & Paikmal for the project construction of Biju Express Way (Sohela – Nuapada Road) is enclosed herewith for taking necessary action at your end for wide publication.

Yours faithfully,

14/10/22

Additional District Magistrate
& Special LAO, Bargarh

Memo No. 12600 /LA. Dt. 14/10/2022

Copy alongwith copy of draft Notification U/s.11(1) of RFCTLAR&R Act,2013 send to DIO, NIC, Bargarh for information necessary action. He is requested to upload the said Notification in the District Website Portal for wide publication.

14/10/22

Additional District Magistrate
& Special LAO, Bargarh

ଓଡିଶା ସରକାର

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ : ବରଗଡ

************

## ଅଧିସୂଚନା

ସଂଖ୍ୟା VII-37/2022 ୧୨୪୮୩ / ଭୂ-ଅର୍ଜନ        ତାରିଖ ୧୩/୧୦/୨୦୨୨

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ବରଗଡ ଜିଲ୍ଲାର ସୋହେଲା-ନୂଆପଡା ରାସ୍ତା (ରାଜ୍ୟ ରାଜପଥ – ୩) ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ବରଗଡ ଜିଲ୍ଲାର ୩ ଗୋଟି ତହସିଲ ଯଥା ସୋହେଲା, ପଦମପୁର ଏବଂ ପାଇକମାଳ ଅନ୍ତର୍ଗତ ୫୮ ଟି ମୌଜାର ନିମ୍ନ ତଫସିଲ ମତେ ପ୍ରାୟ ୯.୮୭.୩୭୫୫ ଏକର ଭୂମି ଅର୍ଜନ କରିବା ଅବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR&R Act,2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ – ବରଗଡ ଜିଲ୍ଲାର ସୋହେଲା, ପଦମପୁର ଓ ପାଇକମାଳ ତହସିଲ ଅନ୍ତର୍ଗତ 58 ଟି ମୌଜାର ଜମି ବିଜୁ ଏକ୍ସପ୍ରେସ ୱେ ସୋହେଲା-ନୂଆପଡା ରାସ୍ତା (ରାଜ୍ୟ ରାଜପଥ – ୩) ନିର୍ମାଣ ନିମନ୍ତେ ।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ଅଧିକାରୀଙ୍କ ନାମ - କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, (ରାସ୍ତା ଓ ଗୃହ) ବିଭାଜନ, ବରଗଡ ।

୩. କ୍ଷ୍ୟତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଗମନାଗମନ ସୁବିଧା, ପ୍ରକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ତ୍ୱରାନ୍ୱିତ କରିବା ଏବଂ ସହରକୁ ଯାତାୟତ ଓ ଜିନିଷ ପତ୍ର ପରିବହନ ଅନେକ ମାତ୍ରାରେ ସୁଗମ ହେବ ।

ଅପର ପୃଷ୍ଠା

୪.		ସାମାଜିକ ପ୍ରଭାବ ମୂଲ୍ୟାୟନ ସାରାଂଶ - ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଘୋଷଣାନାମ ଚିଠି ସଂଖ୍ୟା ୩୪୦୮୦ / R&DM. ତାରିଖ ୦୭.୧୦.୨୦୨୨ ରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରାରେ ଅନୁମୋଦନ ହୋଇଅଛି ।

୫.		ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ ର ନାମ |
|---|---|---|---|---|---|---|---|---|
| **ଏଥି ସହିତ ସଂଲଗ୍ନ କରାଗଲା ।** | | | | | | | | |

ପ୍ରସ୍ତାବିତ ଅଧିଗ୍ରହଣ ଜମିର ବିସ୍ତୃତ ବିବରଣୀ ଭୂ-ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲାପାଳ ଅଫିସ, ବରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳି ପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

ଜିଲ୍ଲାପାଳ, ବରଗଡ